
# ବାବୁ ତାଙ୍କ ଦୋକାନକୁ କଲେ କରୋନା ମୁକ୍ତ

ଭାରତୀୟ ବୈଜ୍ଞାନିକଙ୍କର କୋଭିଡ-୧୯ କୁ ନେଇ ପ୍ରତିକ୍ରିୟା
(ଏକ ସ୍ବେଚ୍ଛାସେବୀ ଗୋଷ୍ଠୀ)

IndiSciCovid

https://indscicov.in/



ISRC Indian Scientists' Response to COVID-19

ଆଜି ଦୋକାନ ପୁଣି ଖୋଲିଛି, ଏବଂ ବାବୁ ମହାନ୍ତି ଏବେ ବହୁତ ଖୁସି । ସେ ଏକ ତେଜରାତି ଦୋକାନ ଚଳାନ୍ତି, ଏବଂ ଏହା ବର୍ତ୍ତମାନ ୧୦ ଦିନ ହେଲା ବନ୍ଦ ଥିଲା । "କେବଳ ୧୦ ଦିନ? ସତେ ଯେମିତି ଯୁଗ ବିତିଲା ପରି ଲାଗୁଛି! " ସେ ଏହା ଭାବନ୍ତି । ଯେତେବେଳେ ଲକ୍-ଡାଉନ୍ ଆରମ୍ଭ ହେଲା, ତାଙ୍କୁ କୁହାଯାଇଥିଲା ଯେ କିଣାବିକା ଜରୁରୀ ଏବଂ ସେ ଦୋକାନ ଖୋଲା ରଖିପାରିବେ । କିନ୍ତୁ, ଯେତେବେଳେ ସେ ପ୍ରଥମ ଦିନ ଦୋକାନ ଯିବାକୁ ଚେଷ୍ଟା କରିଥିଲେ, ସେତେବେଳେ ସେ ଜଣେ ପୋଲିସ କର୍ମଚାରୀଙ୍କୁ ଏହା ବୁଝାଇବାରେ ବିଫଳ ହୋଇଥିଲେ । ତାଙ୍କ ଦୋକାନରେ ପହଞ୍ଚିବା ସହଜ ନୁହେଁ; ସେ ତାଙ୍କ ସ୍କୁଟରରେ ଯିବାରେ ଅଭ୍ୟସ୍ତ, କିନ୍ତୁ ପୋଲିସ କର୍ମଚାରୀମାନେ ସମସ୍ତ ଦୁଇ ଚକିଆ ଯାନକୁ ଧରିବାରେ ଲାଗିଛନ୍ତି ।

ସେ ମହମ୍ମଦ ଏବଂ ଜୋସେଫ ସହ କଥାବାର୍ତ୍ତା କରୁଛନ୍ତି, ସେମାନେ ମଧ୍ୟ ସେମାନଙ୍କର ଦୋକାନ ଖୋଲି ନାହାନ୍ତି । ଯୋଗାଣ ପାଇବାରେ ଅସୁବିଧା ସେମାନଙ୍କୁ ଅଟକାଇ ଦେଇଛି । ସେମାନଙ୍କର ସମସ୍ତଙ୍କର ବହୁତ ଛୋଟ ଦୋକାନ ଅଛି ଯାହା ପ୍ରାୟ ୧୨ ଫୁଟ ଲମ୍ବ ଏବଂ ୧୦ ଫୁଟ ଚଉଡା, ଏକ ସଂକୀର୍ଣ୍ଣ ରାସ୍ତା ସହିତ, ଜଣେ ବ୍ୟକ୍ତି ପ୍ରାୟତଃ ଦୋକାନକୁ ୩ କିମ୍ବା ୪ ଫୁଟ ଗଭୀରରେ ଆସିପାରିବେ। ଏହିପରି ୪ ଟି ଦୋକାନ ସହିତ ଏହା ଏକ କୋଠା : ଗୋଟିଏ ଜୋତା ବିକ୍ରୟ, ଅନ୍ୟଟି ପୋଷାକ ବିକ୍ରୟ, ଏକ "ଫ୍ୟାନ୍ସି" ଷ୍ଟୋର୍ ଏବଂ ବାବୁ ଭାଇଙ୍କର  ଦୋକାନ । ଉପର ମହଲାରେ ଏକ ଇଣ୍ଟର୍ନେଟ ବ୍ରାଉଜିଂ ସେଣ୍ଟର, ଘାଟାରେ ଚାଲୁଥିବା ଏକ ଷ୍ଟୁଡିଓ ଏବଂ ଏକ ସର୍ବଦା ସନ୍ଦେହଜନକ ରିଏଲ୍ ଇଷ୍ଟେଟ୍ ଦଲାଲ୍ । ସେମାନେ କେବଳ ବର୍ତ୍ତମାନ ବନ୍ଦ ନୁହଁନ୍ତି, କିନ୍ତୁ ଏତେ ଖରାପ କାର୍ଯ୍ୟ କରୁଛନ୍ତି ଯେ ସେମାନେ ଏକ ମାସର ବ୍ୟବସାୟର କ୍ଷତିରୁ ପୁନରୁଦ୍ଧାର ହୋଇପାରିବେ କି ନାହିଁ ସନ୍ଦେହ । ସେମାନଙ୍କ ତୁଳନାରେ ବାବୁ ଉନ୍ନତମାନରେ ଅଛନ୍ତି ।




ସାଧାରଣ ସମୟରେ ଗୋବିନ୍ଦ ସକାଳୁ ରାତି ଯାଏଁ ଦୋକାନରେ ଥାଆନ୍ତି, ତାଙ୍କ ପୁଅ ଶିବୁ ଉଚ୍ଚ ବିଦ୍ୟାଳୟକୁ ଯାଏ, ଯେତେବେଳେ ସେ ମଧ୍ୟାହ୍ନ ଭୋଜନ ଏବଂ ଟିକିଏ ବିଶ୍ରାମ ନେବାକୁ ଘରକୁ ଆସେ, ସେତେବେଳେ ବାବୁ ଭାଇଙ୍କ ପାଇଁ ଦୋକାନରେ ଛିଡା ହୋଇଯାଏ । ଶିବୁ, ଫୋନରେ ଅର୍ଡର କରୁଥିବା ଅଳ୍ପ କିଛି ଧନୀ ଗ୍ରାହକଙ୍କୁ ମଧ୍ୟ ଖାଦ୍ୟ ସାମଗ୍ରୀ ବିତରଣ କରେ ।

ବର୍ତ୍ତମାନ ଲକଡାଉନ୍ ଉଠିଗଲା ପରେ ସବୁ କିଛି ସମାଧାନ ହୋଇଗଲାଣି, ଏବଂ ବାବୁ ପୁଣି ଦୋକାନ ଖୋଲିପାରିବେ । ବାବୁ ପୋଲିସ ଷ୍ଟେସନକୁ ଯାଇ କିରାଣି ଦୋକାନ ଖୋଲିବା ପାଇଁ ସେମାନଙ୍କର ସହମତି ଆଣିଛନ୍ତି । ସେ କଣ କରିବା ଉଚିତ ଏବଂ କଣ କରିବା ଉଚିତ ନୁହେଁ ସେ ସମ୍ବନ୍ଧରେ ତାଙ୍କୁ ଏକ ନିର୍ଦ୍ଦେଶନାମା ଦିଆଯାଇଛି (ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏବଂ ପୋଲିସ ଦ୍ୱାରା ବିତରଣ କରାଯାଇଥିବା)।

ଗ୍ରାହକଙ୍କ ଦୋକାନ ଭିତରକୁ ପ୍ରବେଶ: ପ୍ରାୟତ ଦୋକାନ ଭିତରେ ଜଣେ ଭଲଭାବେ ରହିପାରିବେ । ଯେକୌଣସି ପ୍ରକାରେ ବାବୁ ଏବଂ ତାଙ୍କ ପୁଅଙ୍କ ଛଡା ଦୋକାନ ଭିତରେ ଆଉ କେହି ପସିପାରିବେ ନାହିଁ । ତେଣୁ ଗ୍ରାହକଙ୍କର ଭିତରେ ପସିବା ଶାରୀରିକ ଭାବରେ ଅସମ୍ଭବ!

ନିଶ୍ଚିତ କରନ୍ତୁ ଯେ ଗ୍ରାହକମାନେ ଶାରୀରିକ ଦୂରତା ବଜାୟ ରଖନ୍ତୁ : ବାବୁ ଦୋକାନ ବାହାରେ ୧ ମିଟର/ ୩ ଫୁଟ ଦୂରରେ ଚକ୍ ରେ ଗୋଲ ଆଙ୍କିଛନ୍ତି କିନ୍ତୁ ନିଶ୍ଚିତ ନୁହଁନ୍ତି ଯେ ଗ୍ରାହକମାନେ ଏହାକୁ ଯତ୍ନର ସହ ଅନୁସରଣ କରିବେ । ସେଥିପାଇଁ ସେ ଏକ ହାତଲେଖା ପୋଷ୍ଟର ଲଗାଇ ସମସ୍ତଙ୍କୁ କେବଳ ଗୋଲ ଭିତରେ ଛିଡା ହେବାକୁ କହିବେ, ଯେମିତି ସେମାନେ ଛୁଆ ବେଳେ କିତକିତ ଖେଳୁଥିଲେ । ଶିବୁକୁ ପର୍ଯ୍ୟାୟକ୍ରମେ ଗୋଲ ଗୁଡିକୁ ପୁନଃ ଚିତ୍ର କରିବାକୁ କହିବେ ।



ଯୋଗାଣ ଗ୍ରହଣ କରିବାବେଳେ ବାବୁଙ୍କ ପାଇଁ ଶାରୀରିକ ଦୂରତା ନିଶ୍ଚିତ କରିବା ମଧ୍ୟ ସହଜ ଅଟେ । ବର୍ତ୍ତମାନ, ଯେହେତୁ ସେଠାରେ ବହୁତ କମ୍ ବିତରଣ ହେଉଛି, ଏହା ଏକ ସମସ୍ୟା ନୁହେଁ, ଏବଂ ତାଙ୍କର କଦାପି ବିତରଣ ପାଇଁ ତତ୍ପରତା ନାହିଁ । ଆଗରୁ ବାବୁ ହିଁ ହୋଲସେଲ ବଜାରକୁ କିଣିବାକୁ ଯାଉଥିଲେ, କିନ୍ତୁ ବର୍ତ୍ତମାନ ସେ ଏହା କରିପାରିବେ ବୋଲି ନିଶ୍ଚିତ ନୁହଁନ୍ତି। ସେଠାରେ କୌଣସି ବସ୍ ନାହିଁ ଏବଂ ତାଙ୍କୁ ନିଜ ସ୍କୁଟର ନେଇକି ଯିବା ପାଇଁ ଅନୁମତି ଦିଆଯାଇ ନପାରେ ।

ବାବୁ ମୁହଁ କଭର ପିନ୍ଧିଛନ୍ତି, ଘରେ କିଛି କପଡା ମାସ୍କ ଅଛି ଏବଂ ସେଗୁଡିକ ଧୋଇ ପୁନର୍ବାର ବ୍ୟବହାର କରିପାରିବେ । କିନ୍ତୁ ଗ୍ଲୋଭସ୍? ଟୋପି? ସମ୍ପୂର୍ଣ ଆବରଣ? ସେ କେବେବି ଏଥିରୁ କିଛି ବ୍ୟବହାର କରିନାହାଁନ୍ତି ଏବଂ ବୈଶାଖର ଉତ୍ତାପରେ ସେ ଏହାକୁ ପିନ୍ଧି କାମ କରିପାରିବେ କି ନାହିଁ ତାହା ନିଶ୍ଚିତ ନୁହେଁ । ସେ ଏଗୁଡ଼ିକୁ କେଉଁଠାରୁ ପାଇବେ? କେଉଁ ଦୋକାନରୁ, ଯେତେବେଳେ ସବୁ ଦୋକାନ ବନ୍ଦ ଅଛନ୍ତି?

ସେ ଗ୍ରାହକଙ୍କୁ  ମାସ୍କ ପିନ୍ଧିବା ପାଇଁ କହିପାରିବେ କିନ୍ତୁ ବାଧ କିପରି କରିବେ? ପୋଲିସ ଆସି ଏହା କରିବ କି?



ବାବୁ ଖବରକାଗଜରେ ପଢିଥିଲେ ଯେ ସାବୁନ ଭୂତାଣୁ ର ନାଶ କରିଥାଏ। ସାବୁନ ତାଙ୍କ ପାଖରେ ପ୍ରଚୁର ଅଛି! ସେ ବାଲ୍ଟିରେ ସାବୁନ ପାଣି ରଖିବାକୁ ଏବଂ ତାକୁ ପର୍ଯ୍ୟାୟକ୍ରମେ ତାକୁ ବଦଳାଇବାକୁ ଯୋଜନା କରିଛନ୍ତି । ଅତିରିକ୍ତ ସତର୍କ ରହିବାକୁ, ସେ ବ୍ୟକ୍ତିଗତ ଭାବେ ପ୍ରତି ଘଣ୍ଟାରେ ସାବୁନ ପାଣିରେ ତାଙ୍କ ଚାରିପାଖ ସଫା କରିବେ । ସେ ଆହୁରି ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯେ କାଶ ଥିବା ବ୍ୟକ୍ତିଙ୍କୁ ସେ ଦୋକାନରେ ଥିବା କୌଣସି  ସାମଗ୍ରୀ ନିକଟକୁ ଆସିବାକୁ ଦେବେ ନାହିଁ। ସେମାନଙ୍କୁ ବାହାରେ ଠିଆ କରାଇ ତାଙ୍କ ପାଖରେ ସାମଗ୍ରୀ ପହଂଚାଇ ଦେବେ । ଦୋକାନ ଭିତରେ କଣ କରିହବ ସେ ବିଷୟରେ ସେ ଶିବୁକୁ ଯତ୍ନର ସହ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ କେବଳ ପଡ଼ୋଶୀ ଘରଗୁଡିକୁ ହିଁ ବିତରଣ କରିବା ପାଇଁ ଆଶା ଅଛି । ଲକଡାଉନ୍ ସମୟରେ ଶିବୁକୁ ସାଇକେଲରେ ପଠାଇବା ପାଇଁ ବାବୁ ଆଗ୍ରହୀ ନୁହଁନ୍ତି। ଯେକୌଣସି ପରିସ୍ଥିତିରେ, ଶିବୁ ଏକ ମାସ୍କ ପିନ୍ଧିବ, କୌଣସି ଘରେ ପ୍ରବେଶ କରିବ ନାହିଁ, ସାମଗ୍ରୀ ଥଳି ବାହାରେ ଛାଡିବ, ଗ୍ରାହକଙ୍କ ଆସିବାକୁ ଅପେକ୍ଷା କରିବ ଏବଂ ଏକ ଛୋଟ ଟୋକେଇରେ ଗ୍ରାହକ ଟଙ୍କା ରଖିଲା ପରେ ଟୋକେଇକୁ ନେଇକି ଆସିବ । ଗୃହ ବିତରଣ ସମୟରେ ବିଶେଷ ଭାବରେ ସତର୍କ ରହିବାକୁ ବାବୁ ଶିବୁକୁ ବାରମ୍ବାର କହିଛନ୍ତି। ଯଦି ଶିବୁ କାଶ କିମ୍ବା ଜ୍ୱରର ଲକ୍ଷଣ ଦେଖାଏ, ବିତରଣ ବନ୍ଦ କରିବାକୁ ପଡିବ ଏବଂ ଦୋକାନକୁ ବି ଯେକୌଣସି ପ୍ରକାରେ ବନ୍ଦ କରିବାକୁ ହବ । ଶିବୁ ଏସବୁ ଦ୍ୱାରା ଉତ୍ସାହିତ ଅଛି କିନ୍ତୁ ବାବୁ ଗଭୀର ଚିନ୍ତାରେ ଅଛନ୍ତି।



ଯଦି ବାବୁଙ୍କ ପାଇଁ ଗୋଟିଏ ମୁଖ୍ୟ ଚିନ୍ତା ଅଛି, ତେବେ ଏହା ହେଉଛି ପୁରା ବିଲ୍ଡିଂରେ ଥିବା ଏକ ଛୋଟ ଏବଂ ମଇଳା ଶୌଚାଳୟ । ୧୦ ଦିନ ଧରି କେହି ବିଲଡିଂରେ ନଥିବାରୁ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ବନ୍ଦ ହୋଇଯାଇଛି। ବର୍ତ୍ତମାନ ତାଙ୍କୁ କେବଳ ଗୋଟିଏ ଦୋକାନରେ ବିଦ୍ୟୁତ୍ ଆଣିବା ପାଇଁ ତାଙ୍କ ଜମିଦାରଙ୍କ ସହ ଲଢ଼ିବାକୁ ପଡିବ । ଏବେ ପାଣି ତ ଆସିଗଲାଣି, କିନ୍ତୁ ଚାହା ପରି ବାଦାମୀ ରଙ୍ଗର ଅଛି।

ଯଦି ବାବୁ ତାଙ୍କ ଦୋକାନକୁ ନିୟମିତ ପରିଷ୍କାର ଏବଂ ଭୁତାଣୁମୁକ୍ତ କରିବା ପାଇଁ ଭଲ ଜଳ ପାଆନ୍ତି, ସେ ଗ୍ରାହକଙ୍କୁ ନିରାପଦରେ ଅତ୍ୟାବଶ୍ୟକ ସେବା ଯୋଗାଇଦେବା ପାଇଁ ଭଲ ଭାବରେ ପ୍ରସ୍ତୁତ ଅଛନ୍ତି।

ଏହି କାହାଣୀଗୁଡିକ ସାଧାରଣ ଦୃଶ୍ୟକୁ ଚିତ୍ରଣ କରିବା ଏବଂ ଆମେ ପ୍ରଦାନ କରୁଥିବା ସୁଚନାକୁ ପ୍ରସଙ୍ଗଭିତ୍ତିକ କରିବା ପାଇଁ ଉଦ୍ଦିଷ୍ଟ ଅଟେ। ଏହା ନିଶ୍ଚିତ ରୂପେ ବିଷୟବସ୍ତୁକୁ ସରଳ କରିଥାଏ | ବୈଜ୍ଞାନିକ ସଠିକତା ପାଇବା ପାଇଁ ୱେବସାଇଟରେ ଥିବା ଦସ୍ତାବିଜ ଗୁଡିକୁ ଧ୍ୟାନ ଦେଇ ପଢନ୍ତୁ |

